# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27 June – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

— ଅପରାହ୍ଣ ସାଢ଼େ ୪ଟାରେ ଜନ୍ମବେଦୀ ଅଭିମୁଖେ ବାହାରିବେ ତିନି ଠାକୁର

- ଦେଶର ସ୍ଥାୟୀ ଆର୍ଥିକ ବିକାଶ ସହ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସଶକ୍ତ କରୁଛି ଏମ୍‌ଏସ୍‌ଏମ୍‌ଇ, କହିଲେ ରାଷ୍ଟ୍ରପତି
- ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ନିମନ୍ତେ ଆଜିଠାରୁ ଆରମ୍ଭ ହେଲା ପଞ୍ଜୀକରଣ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ସମ୍ଭାବନା

# ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ରଥ-ପଥ-ଭକ୍ତ ପ୍ରସ୍ତୁତ ହୋଇଛନ୍ତି । ସମୟନିର୍ଘଣ୍ଟ ଅନୁଯାୟୀ ଠାକୁରଙ୍କର ନୀତିକାନ୍ତି ଚାଲିଛି । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବାନେଇ ନୀତିନିର୍ଘଣ୍ଟ ସ୍ଥିର ହୋଇଛି । ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡଦାଣ୍ଡରେ ଶ୍ରଦ୍ଧାଳୁଙ୍କର ଭିଡ଼ ବଢ଼ିବାରେ ଲାଗିଛି । ଏ ସମ୍ପର୍କରେ ଏକ ରିପୋର୍ଟ...

*ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର । ବଡଦାଣ୍ଡରେ ଭକ୍ତଙ୍କ ଗହଳି-ଚହଳି ଲାଗି ରହିଛି । କୋଟି ଓଡ଼ିଆଙ୍କ ମଉଡମଣି ଶ୍ରୀଜଗନ୍ନାଥ ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିଛନ୍ତି । ଟାହିଆ ହଲାଇ ଭକ୍ତଙ୍କ ଗହଣରେ ବିଜେ କରିଛନ୍ତି କାଳିଆ ସାଆନ୍ତେ । ଭକ୍ତ ଓ ଭଗବାନଙ୍କ ଦିବ୍ୟ ମିଳନରେ ବଡ଼ଦାଣ୍ଡରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଘଣ୍ଟ-ଘଣ୍ଟା, ଖୋଳ-ତାଳ, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଉଠୁଛି ।*

*ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆଜି ଚକ୍ରରାଜ ଶ୍ରୀସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ମାନବୀୟ ଲୀଳାକୁ ସମଗ୍ର ବ୍ରହ୍ମାଣ୍ଡ ଦର୍ଶନ କରୁଛି । ନୀତିନିର୍ଘଣ୍ଟ*

*ଅନୁସାରେ, ଆଜି ସକାଳ ୯ଟାରେ ୩ ରଥକୁ ପ୍ରତିଷ୍ଠା କରାଯିବା ପରେ ସାଢ଼େ ୯ଟାରେ ଠାକୁରଙ୍କ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ସୁଦର୍ଶନଙ୍କର ପହଣ୍ଡି ପରେ ବଡ଼ ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନାଥ ଧାଡି ପହଣ୍ଡିରେ ଆସି ରଥ ଉପରେ ବିରାଜମାନ କରିଥିଲେ। ଶ୍ରୀଜୀଉମାନେ ରଥାରୂଢ଼ ହେବା ପରେ ଶ୍ରୀଶ୍ରୀମଦନମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ରଥ ଉପରେ ବିଜେ କରାଯାଇଥିଲା।*

*ଏହା ପରେ ଅପରାହ୍ଣରେ ରଥ ଉପରେ ଚିତାଲାଗି ଓ ବେଶ ଅନୁଷ୍ଠିତ ହେବା ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ୩ ରଥରେ ଛେରାପହଁରା କରିବେ। ଅପରାହ୍ଣ ୪ଟାରେ ଚାରମାଳ ଫିଟା, ଘୋଡା ଏବଂ ସାରଥୀ ଯୋଚା ଯିବ। ଶ୍ରୀଗୁଣ୍ଡିଚା ଅଭିମୁଖେ ୩ ରଥ ଅପରାହ୍ଣ ସାଢ଼େ ୪ଟାରେ ଗଡ଼ିବା ଆରମ୍ଭ କରିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରଥଯାତ୍ରା ସମ୍ପର୍କରେ ପୁରୀରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର* ***ଭାରତ ଭୂଷଣ ରଥ*** *ଆକାଶବାଣୀକୁ କହିଛନ୍ତି....*

**- V/O -**

*ନବଦିନାତ୍ମକ ଯାତ୍ରା ପାଇଁ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି କାଳିଆଠାକୁର ବାହାରିଥିବାବେଳେ ଆଜି ସକାଳୁ ଶ୍ରୀମନ୍ଦିରରେ ସର୍ବପ୍ରଥମେ ମଙ୍ଗଳ ଆଳତୀ ନୀତି ହୋଇଥିଲା। ପରେ ମଇଲମ,*

*ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା ଆଦି ଦୈନ୍ୟନ୍ଦିନ ରୀତିନୀତି କରାଯିବା ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଗୋପାଳବଲ୍ଲଭ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ଅନୁଷ୍ଠିତ ହେବା ସହ ସ୍ତୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ରଥ ପ୍ରତିଷ୍ଠା କରାଯାଇଥିଲା। ଶ୍ରୀମନ୍ଦିର ଛାଡ଼ି ରଥାରୂଢ଼ ମହାପ୍ରଭୁଙ୍କୁ ବାମନ ବେଶରେ ଦର୍ଶନ କରି ଭକ୍ତ ନିଜକୁ କୃତାର୍ଥ ମନେ କରୁଛି।*

**- V/O - (ST)**

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ରଥଯାତ୍ରା ଅବସରରେ ଦେଶବାସୀଙ୍କୁ ଶୁଭକାମନା ଜଣାଇଛନ୍ତି। ଏ ନେଇ ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଶ୍ରୀଜୀଉମାନଙ୍କ ମାନବୀୟ ଲୀଳା ହେଉଛି ରଥଯାତ୍ରାର ବିଶେଷତ୍ୱ। ସମଗ୍ର ପୃଥିବୀରେ ଶାନ୍ତି, ମୈତ୍ରୀ ଓ ସଂପ୍ରୀତି ଅବ୍ୟାହତ ରହୁ ବୋଲି ମହାପ୍ରଭୁଙ୍କ ନିକଟରେ ଶ୍ରୀମତୀ ମୁର୍ମୁ କାମନା କରିଛନ୍ତି।

ଶ୍ରଦ୍ଧା ଓ ଭକ୍ତିର ଏହି ପବିତ୍ର ଉତ୍ସବ ପ୍ରତ୍ୟେକଙ୍କ ଜୀବନରେ ସୁଖ, ସମୃଦ୍ଧି, ସୌଭାଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଆଣୁ ବୋଲି **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି।

**ରାଜ୍ୟପାଳ** ହରିବାବୁ କମ୍ଭମପାଟି ରଥଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏହି ଦିବ୍ୟ ଯାତ୍ରା କେବଳ ଏକ ପବିତ୍ର ରୀତି ନୁହେଁ, ବରଂ ଅନ୍ତର୍ଭୁକ୍ତି, ନମ୍ରତା ଏବଂ ପ୍ରଭୁଙ୍କ

ବିଶ୍ୱପ୍ରେମର ଏକ କାଳଜୟୀ ବାର୍ତ୍ତା । ରଥଗୁଡ଼ିକର ମହନୀୟ ଦୃଶ୍ୟ ପ୍ରତ୍ୟେକ ହୃଦୟକୁ ଶାନ୍ତି ଏବଂ ଆଧ୍ୟାତ୍ମିକ ସମୃଦ୍ଧି ଭରିଦେଉ ।

ପବିତ୍ର ଘୋଷଯାତ୍ରା ଉପଲକ୍ଷେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟର ବିକାଶ ତଥା ସମସ୍ତଙ୍କର କଲ୍ୟାଣ ଏବଂ ପ୍ରଗତୀ ପାଇଁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ପ୍ରାର୍ଥନା କରିବା ସହ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରଥଯାତ୍ରା ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଏବଂ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବସ୍‌ସେବାର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁଙ୍କୁ ମାଗଣାରେ ସେବା ଯୋଗାଇଦେବା ଲକ୍ଷ୍ୟନେଇ ପ୍ରଶାସନ ପକ୍ଷରୁ ୨୦୦ ଅଟୋରିକ୍ସା ଚଳାଚଳ କରୁଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସ ଓ ଶାନ୍ତି ଶୃଙ୍ଖଳାର ସହତ ରଥଯାତ୍ରା ପାଳନ କରାଯାଉଛି ।

## ବାରିପଦା-ରଥ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଆଜି ଅନୁଷ୍ଠିତ ହେଉଛି । ଆସନ୍ତାକାଲି ବାରିପଦାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହେବ । ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନାଯୋଗ୍ୟ, ଏହି ରଥଯାତ୍ରାରେ ମହିଳାମାନେ ରଥ ଟାଣିଥାନ୍ତି । ଏଥିପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି ।

## ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ

ରଥଯାତ୍ରା ପାଇଁ 'ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ'କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦର୍ଶିତ ଏହି ପ୍ରଦର୍ଶନୀ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନତା ବାର୍ତ୍ତା ଏବଂ ସରକାରଙ୍କ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଉଛି।

## କେନ୍ଦ୍ରମନ୍ତ୍ରୀ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀଠାରେ ପୁଲିସ୍ ପକ୍ଷରୁ ଆୟୋଜିତ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିଛନ୍ତି। ପରିଦର୍ଶନ ପରେ ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ରଥଯାତ୍ରାକୁ ଶୃଙ୍ଖଳିତ କରିବା ସହ  ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ପକ୍ଷରୁ ନିଆଯାଇଥିବା ଏହି ବ୍ୟବସ୍ଥା ଉପଯୋଗୀ। ପ୍ରଥମ ଥର ପାଇଁ ରଥଯାତ୍ରାରେ  ବ୍ୟବହାର କରାଯାଇଥିବା ଡ୍ରୋନ୍ ଏବଂ ଅନ୍ୟାନ୍ୟ ଟେକ୍ନୋଲୋଜୀ ମନିଟରିଂ ଦିଗରେ ଓଡ଼ିଶା ପୁଲିସ୍‌ର ଏହି ପଦକ୍ଷେପ ପ୍ରଶଂସନୀୟ।

# ଏମ୍‌ଏସ୍‌ଏମ୍‌ଇ ଦିବସ

ଦେଶରେ ସ୍ଥାୟୀ ଆର୍ଥିକ ବିକାଶ ପାଇଁ ଏକ ଦୃଢ଼, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ- ଏମ୍.ଏସ୍.ଏମ୍.ଇ. ଇକୋ-ସିଷ୍ଟମର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀଠାରେ ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ସମାରୋହକୁ ସମ୍ବୋଧିତ କରି

ରାଷ୍ଟ୍ରପତି କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଦେଶର ଜିଡିପିରେ ପ୍ରାୟ ୩୦ ପ୍ରତିଶତ, ଉତ୍ପାଦନ କ୍ଷେତ୍ରରେ ୩୬ ଓ ରପ୍ତାନୀ କ୍ଷେତ୍ରରେ ୪୫ ପ୍ରତିଶତ ଯୋଗଦାନ ରହିଛି। ଏହା ଗ୍ରାମୀଣ ଓ ପଛୁଆ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସଶକ୍ତ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O - (President)**

ତୃଣମୂଳ ସ୍ତରରେ ନବସୃଜନ ଉଦ୍ୟୋଗୀମାନଙ୍କୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପ୍ରୋତ୍ସାହିତ କରୁଛି। ଦେଶ ସମେତ ବିଶ୍ୱ ଅର୍ଥନୀତିକୁ ସଶକ୍ତ କରିବାରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ଦିନ ୧୦ଟା ୩୦ ମିନିଟ୍‌ରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୨ ଅଶୋକ ନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଅଭିଯୋଗ ଶୁଣାଣି ପାଇଁ ଆଜି ଦିନ ୧୨ଟାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ସର୍ବାଧିକ ହଜାରେ ଜଣ ଅନ୍‌ଲାଇନ୍ ପଞ୍ଜୀକରଣ କରିପାରିବେ। ଏଥିପାଇଁ ଆଗ୍ରହୀ ଜନସାଧାରଣ

ଜନଶୁଣାଣି ପୋର୍ଟାଲ : **janasunini.odisha.gov.in** ଅଥବା ଜନଶୁଣାଣି ମୋବାଇଲ୍ ଆପ୍ଲିକେଶନ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ବିଇଡି ନାମଲେଖା

୨୦୨୫-୨୬ ଶିକ୍ଷାବର୍ଷରେ ବିଇଡି, ବିଏଚ୍‌ଇଡି ଏବଂ ଏମ୍‌ଇଡି ବିଷୟରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଖୁବ୍‌ଶୀଘ୍ର ରାଜ୍ୟ ଚୟନ ବୋର୍ଡ ପକ୍ଷରୁ ନୂଆ ତାରିଖ ଘୋଷଣା ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଏହାର ପ୍ରଭାବରେ ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଛି । ଗତ ୨୪ ଘଣ୍ଟାରେ ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ଅଂଚଳରେ ସର୍ବାଧିକ ୧୪୫ ମିଲିମିଟର ବର୍ଷା ରେକର୍ଡ

କରାଯାଇଛି । ଚଳିତ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୧୯୦ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜଣାପଡିଛି ।